## ସଂକ୍ଷେପରେ

### ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଛେଣ୍ଡିପଦା,୭।୧(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଆଉଁଳି ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ନିଯୁକ୍ତି ଦାବିରେ ପୁରୁଣାଗଡ ଗ୍ରାମର ରୋହିତ ସାହୁ ଓ କର୍ଣ୍ଣପାଳ ଗ୍ରାମର ସନାତନ ସାହୁ ଦେଇଥିବା ଧାରଣା ମଙ୍ଗଳବାର ପ୍ରତ୍ୟାହୃତ ହୋଇଛି। ଗତ ଶୁକ୍ରବାରଠାରୁ ଦୁହେଁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ମଙ୍ଗଳବାର ବିଭାଗୀୟ ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ନାୟକ ପହଞ୍ଚି ଧାରଣା ଦେଇଥିବା ରୋହିତ ଓ ସନାତନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଗୁରୁବାର ଉଭୟ ଅନୁଗୋଳ ବିଭାଗୀୟ କାର୍ଯ୍ୟାଳୟରେ ପହଞ୍ଚିବେ। ସେଠାରେ ବିଭାଗୀୟ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ସରୋଜକାନ୍ତ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ଦୀପ୍ତିରଞ୍ଜନ ପଣ୍ଡାଙ୍କ ସହ ଆଲୋଚନା ପରେ ନିୟମାନୁଯାୟୀ ରୋହିତଙ୍କ ସମ୍ପର୍କରେ ପଦକ୍ଷେପ ନିଆଯିବ। ସେହିପରି ସନାତନଙ୍କ ଥିବା ବକେୟା ପ୍ରାପ୍ୟ ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଉଭୟେ ଧାରଣାରୁ ଓହରିଥିଲେ।

### ଚିକିତ୍ସାଧୀନ ଅବସ୍ଥାରେ ଯୁବକ ମୃତ

ଛେଣ୍ଡିପଦା,୭।୧(ସ୍ୱ.ପ୍ର.)-ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ଗ୍ରାମରେ ଡିସେମ୍ବର ୩୧ରେ ପୂର୍ବ ଶତ୍ରୁତାକୁ ନେଇ ମାଡପିଟ ହୋଇଥିଲା। ଏହି ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ସୋମବାର କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ପୋଲିସ କହିଛି, ଗତ ୩୧ତାରିଖ ସନ୍ଧ୍ୟାରେ ରାଇଝରଣ ଗ୍ରାମର ପ୍ରସନ୍ନ ସାହୁ, ତାଙ୍କ ସ୍ତ୍ରୀ ପ୍ରତିଭା ସାହୁ ଓ ପୁଅ ନାରାୟଣ ସାହୁ ଉକ୍ତ ଗ୍ରାମର ସଞ୍ଜୟ ସାହୁ ଓ ତାଙ୍କ କକା ଗଗନ ସାହୁଙ୍କ ଘରକୁ ଆସି ମାଡ଼ପିଟ୍ କରିଥିଲେ। ଏଥିରେ ଗଗନ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଅନୁଗୋଳ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ସଞ୍ଜୟଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨/୨୦ରେ ଏକ ମାମଲା ରୁଜୁ କରି ପ୍ରସନ୍ନ ଓ ତାଙ୍କ ସ୍ତ୍ରୀ ପ୍ରତିଭାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିରେ ସମ୍ପୃକ୍ତ ନାରାୟଣ ଫେରାର ଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ସାଇ ସତ୍‌ସଙ୍ଗ ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ

ଢେଙ୍କାନାଳ ଅଫିସ, ୭।୧-ଢେଙ୍କାନାଳ ସାଇ ସତସଙ୍ଗ ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ ସୋମବାର ଶ୍ୟାମାଚରଣପୁରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଭଜନ ପରିବେଷଣ କରାଯାଇଥିଲା। ଏହାପରେ ସାଇବାବାଙ୍କ ଲୀଳା ବର୍ଣ୍ଣନା କରାଯିବା ସହିତ ଅନୁଷ୍ଠାନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲେ। ସାଇବାବାଙ୍କର ବାଣୀ ପ୍ରଚାର କରିବା, ବିଭିନ୍ନ ଜନହିତକର କାର୍ଯ୍ୟ ହାତକୁ ନେବାକୁ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ନିବେଦନ କରାଯାଇଛି। ଅନୁଷ୍ଠାନର ସଦସ୍ୟ ପ୍ରସାଦ ନାଥ, ଶିବ ପ୍ରସାଦ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ମିଳିତ ମଞ୍ଚର ଧର୍ମଘଟକୁ କଂଗ୍ରେସର ସମର୍ଥନ

# ସକାଳ ୮ରୁ ଦଳ ଓହ୍ଲାଇବ ରାସ୍ତାକୁ



ବୈଠକରେ ଯୋଗଦେଇଥିବା ଜିଲା କଂଗ୍ରେସ ନେତା ଓ କର୍ମୀମାନେ।

ଅନୁଗୋଳ ଅଫିସ, ୭।୧

ଦେଶରେ ଦେଖା ଦେଇଥିବା ଉତ୍କଟ ଆର୍ଥିକ ମାନ୍ଦାବସ୍ଥା, ବଢୁଥିବା ବେକାରି, ବେରୋଜଗାରୀ, ନିତ୍ୟ ବ୍ୟବହୃତ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ଆଦି ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ଅନ୍ୟାନ୍ୟ ସ୍ୱାଧୀନ ଫେଡେରେଶନ ପକ୍ଷରୁ ବୁଧବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟକୁ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ସମର୍ଥନ କରାଯିବାକୁ ନିର୍ଦ୍ଦେଶ ଆସିଥିବା ଅନୁଗୋଳ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା ସୂଚନା ଦେଇଛନ୍ତି।

ଏ ନେଇ ଜିଲା କଂଗ୍ରେସ ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତସ୍ତରରେ ଧର୍ମଘଟର ପ୍ରଭାବ ଯେପରି ପଡ଼ିବ ସେ ନେଇ କଂଗ୍ରେସ ପକ୍ଷରୁ ଯୋଜନା ରଖାଯାଇଛି। ପୂର୍ବାହ୍ନ ୮ଟାରୁ ୧୨ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଦଳ ଧର୍ମଘଟକୁ ଓହ୍ଲାଇବ ବୋଲି ବୈଠକରେ ସ୍ଥିର ହୋଇଛି। ତେବେ ଏହି ସମୟରେ ଜରୁରୀ ସେବା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଜିଲା ସଭାପତି କହିଛନ୍ତି। ବୁଧବାର ଜିଲା କଂଗ୍ରେସ ଭବନରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଧର୍ମଘଟ କରାଯିବ। ଏହି ପ୍ରସ୍ତୁତି ବୈଠକରେ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନାଙ୍କ ସହ ପୂର୍ବତନ ନଗରପାଳ ସୁକାନ୍ତି ଦାସ, ଜିତେନ୍ଦ୍ର ସାହୁ, ବଳବିର ସିଂହ, ଶିବାନୀ ଗୌଡ଼ା, ବିଶ୍ୱରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ୫ ଦଫା ଦାବିରେ ଏସ୍‌ୟୁସିଆଇର ଗଣ ବିକ୍ଷୋଭ

ଛେଣ୍ଡିପଦା,୭।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସମ୍ମୁଖରେ ୫ ଦଫା ଦାବିରେ ମଙ୍ଗଳବାର ଏସ୍‌ୟୁସିଆଇ ଆଞ୍ଚଳିକ କମିଟି ପକ୍ଷରୁ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଛେଣ୍ଡିପଦା ଆଞ୍ଚଳିକ କମିଟିର ଆବାହକ ରଣଜିତ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ସିଏଏ, ଏନ୍‌ଆର୍‌ସି ଓ ଏନ୍‌ପିଆର୍‌କୁ ବାତିଲ କରିବା, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଆଦିର ଦରବୃଦ୍ଧି ବନ୍ଦ କରିବା, ହାତୀ ସମେତ ବନ୍ୟଜନ୍ତୁ କବଳରୁ ଧନଜୀବନ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବା ଆଦି ଦାବି କରାଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଏସୟୁସିଆଇର ନବକିଶୋର ପ୍ରଧାନ, ଏସୟୁସିଆଇ ଛେଣ୍ଡିପଦା ଆଞ୍ଚଳିକ କମିଟିର ମାନସ ପାଳ, ସୁବାସ ପ୍ରଧାନ, ପ୍ରତିମା ବେହେରା, ଭଗବାନ ପ୍ରଧାନଙ୍କ ସମେତ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।

■୧୧ରୁ ଅନୁଗୋଳ ଟ୍ୟାଲେଣ୍ଟ ହଣ୍ଟ

# ଭାଗନେବେ ୨ଶହ ପ୍ରତିଯୋଗୀ




ଖବରଦାତା ସମ୍ମିଳନୀରେ ଆୟୋଜକମାନେ।

ଅନୁଗୋଳ ଅଫିସ, ୭।୧

ଅନୁଗୋଳ ଜିଲା କଳାକେନ୍ଦ୍ରଠାରେ ଆସନ୍ତା ୧୧ ଓ ୧୨ ତାରିଖରେ ପ୍ରଥମ ଥର ପାଇଁ ଅନୁଗୋଳ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ଅନୁଗୋଳର ନ୍ୟାଶନାଲ୍ ଆସୋସିଏଶନ୍ ଫର ମାସ୍ ଏମ୍ପାୱାରମେଣ୍ଟ ପକ୍ଷରୁ ଆୟୋଜନ କରାଯାଉଛି। ଦୁଇ ଦିନିଆ ଏହି କାର୍ଯ୍ୟକ୍ରମରେ ମୋଟ୍ ୨୨ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଦୁଇ ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିସହ ସମାଜସେବା କ୍ଷେତ୍ରରେ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଓଡ଼ିଶୀ ନୃତ୍ୟ ଶିଳ୍ପୀ ସ୍ୱପ୍ନାରାଣୀ ସିହ୍ନା ଓ ସାହିତ୍ୟିକ ବିସ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ପ୍ରତିଯୋଗିତା ଜୁନିୟର ଓ ସିନିୟର ବିଭାଗରେ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଅଂଶୁମାନ ନାଏକ କହିଛନ୍ତି। ନୃତ୍ୟ, ଗୀତ, ରଙ୍ଗଭରୋ, ଲାଇଟ୍ କ୍ଲାସିକାଲ ଡ୍ୟାନ୍ସ, ଭାଓଲିନ୍, କୌତୁକ ବେଶ, ସୁଗୃହିଣୀ ଆଦି ପ୍ରତିଯୋଗିତା କରାଯିବ। ଅନୁଗୋଳରେ ଥିବା ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ଓ ଭଲ କଳାକାର ସୃଷ୍ଟି କରିବା ଲକ୍ଷ୍ୟରେ ଅନୁଷ୍ଠାନ ପକ୍ଷରୁ ଏପରି ଉଦ୍ୟମ କରାଯାଉଥିବା କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ଦୀପକ ଘୋଷ ଓ ଆଇନ ପରାମର୍ଶଦାତା ଦୀପକ ପାଣି ଉପସ୍ଥିତ ଥିଲେ।

# ଗ୍ରାମ ସଭାପତି ସମ୍ମିଳନୀ



ମଞ୍ଚାସୀନ ଅତିଥିମାନେ।

ତାଳଚେର,୭।୧(ନି.ପ୍ର.)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଳନ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ନିମନ୍ତେ ଗ୍ରାମ ସଭାପତି ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପଜିଲାପାଳ କହିଥିଲେ ଯେ, ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ସୃଷ୍ଟି କରିବ। ବିଶିଷ୍ଟ ଅତିଥିଭାବେ ଉପସ୍ଥିତ କଣିହାଁ ବିଡିଓ ରମେଶଚନ୍ଦ୍ର ଜେନା, ତହସିଲଦାର ଅଂଶୁମାନ ଶତପଥୀ ମହାବିଦ୍ୟାଳୟର ଗରିମା ସମ୍ପର୍କରେ ଆଲୋକପାତ କରିଥିଲେ। ତାଳଚେର ଓ କଣିହାଁ ବ୍ଲକର ପ୍ରତି ଗ୍ରାମରୁ ଆମନ୍ତ୍ରିତ ଗ୍ରାମ ସଭାପତି, ସମ୍ପାଦକମାନେ ଏଥିରେ ଯୋଗଦେଇ ନିଜ ନିଜର ମତାମତ ରଖିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ଶର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। ନୃତତ୍ତ୍ୱ ବିଭାଗ ଅଧ୍ୟାପକ ଶଶାଙ୍କ ଶେଖର ପ୍ରଧାନ ଅତିଥି ପରିଚୟ, ସଂଯୋଜକ ଡକ୍ଟର ବିରଞ୍ଚି ନାରାୟଣ ସାମଲ ସୁବର୍ଣ୍ଣ ଜୟନ୍ତୀ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଇତିହାସ ଅଧ୍ୟାପକ ଡକ୍ଟର ନିମାଇଁ ଚରଣ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ତ୍ରିପୁରାରୀ ନାଥ, ସନ୍ତୋଷ କୁମାର ଦାସ, ବିନୟ ଖିଲାର, ନବକିଶୋର ମହାପାତ୍ରଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଗୃହ କମିଟି ଗସ୍ତ ବାତିଲ

ଅନୁଗୋଳ ଅଫିସ, ୭।୧

ଯାଜପୁର ଜିଲା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ବିଧାନସଭା ଗୃହ କମିଟିର ୨୧ ଜଣିଆ ସଦସ୍ୟ ମଙ୍ଗଳବାର ଅନୁଗୋଳ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବୁଧବାର ଦିଆଯାଇଥିବା ଧର୍ମଘଟ ଡାକରା ପାଇଁ ଗୃହ କମିଟିର ଉକ୍ତ ଗସ୍ତ ବାତିଲ କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# କୃଷି ବିଜ୍ଞାନ କଂଗ୍ରେସରେ ଅନୁଗୋଳ ଚାଷୀ ସମ୍ବର୍ଦ୍ଧିତ

ଅନୁଗୋଳ ଅଫିସ, ୭।୧

ବେଙ୍ଗାଲୁରସ୍ଥିତ ୟୁନିଭରସିଟି ଅଫ୍ ଏଗ୍ରିକଲଚର ସାଇନ୍ସ ଠାରେ ୩ରୁ ୭ ତାରିଖ ଯାଏ ଜାତୀୟ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହୋଇଥିଲା। ତେବେ ଗୋଟିଏ ଦିନ ପାଇଁ ୬ ତାରିଖରେ କୃଷି ବିଜ୍ଞାନ କଂଗ୍ରେସର ଆୟୋଜନ କରାଯାଇଥିଲା। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ୩୦ ଚାଷୀ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ଅନୁଗୋଳ, ଯାଜପୁର, ଜଗତସିଂହପୁର, ବରଗଡ଼ ଓ ସମ୍ବଲପୁର ଜିଲାରୁ ଜଣେ ଲେଖାଏ ଚାଷୀ ଅଂଶଗ୍ରହଣ କରିଥିବାବେଳେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମର ଚାଷୀ ଲମ୍ବୋଦର ବେହେରାଙ୍କୁ ଅଭିନବ କୃଷି ଯନ୍ତ୍ରପାତି ନିର୍ମାଣ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଚାଷୀମାନଙ୍କୁ ନେଇ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ବିନିତା ଶତପଥୀ ଓ ବରଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଏନ୍. ବାରିକ ବେଙ୍ଗାଲୁର ଗସ୍ତ କରିଥିଲେ। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ କିପରି ସହଜ ଉପାୟରେ ଜମିରେ କୋଡ଼ା, ଖୋସା, ସଫେଇ କରିପାରିବେ, ରିଙ୍ଗ୍ ଓ ସାର କିପରି ତୁରନ୍ତ ମାଟିରେ ମିଶିବ ସେ ନେଇ ଲମ୍ବୋଦର ଉଦ୍‌ଭାବନ କରିଥିବା ଯନ୍ତ୍ରପାତି କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରଦର୍ଶନ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଇଣ୍ଡିଆନ୍ କାଉସିଲ ଅଫ୍ ଏଗ୍ରିକଲଚର ରିସର୍ଚ୍ଚ (ଆଇସିଏଆର୍)ର ଡାଇରେକ୍ଟର ଜେନେରାଲ ଡକ୍ଟର ତ୍ରିଲୋଚନ ମହାପାତ୍ର, ଡେପୁଟୀ ଡାଇରେକ୍ଟର ଜେନେରାଲ କୃଷି ସମ୍ପ୍ରସାରଣ ଡକ୍ଟର ଏ.କେ. ସିଂହ ପ୍ରମୁଖ ଉପସ୍ଥିତ ଥିଲେ।




କୃଷି ବିଜ୍ଞାନ କଂଗ୍ରେସରେ ଓଡ଼ିଶାରୁ ଯୋଗଦେଇଥିବା କୃଷି ବିଜ୍ଞାନ ଅଧିକାରୀଙ୍କ ସହ ଚାଷୀମାନେ।

## ଆଜି ଢେଙ୍କାନାଳରେ ଶିକ୍ଷାନୁଷ୍ଠାନ ବନ୍ଦ

ଢେଙ୍କାନାଳ ଅଫିସ, ୭।୧

ଟ୍ରେଡ୍ ୟୁନିୟନ ପକ୍ଷରୁ ଦିଆଯାଇଥିବା ଧର୍ମଘଟ ପାଇଁ ବୁଧବାର ଢେଙ୍କାନାଳ ଜିଲାର ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡିଇଓଙ୍କ ପକ୍ଷରୁ ପତ୍ର ସଂଖ୍ୟା–୧୬୧ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି। ଏ ନେଇ ସମସ୍ତ ବ୍ଲକର ବିଇଓ, ପ୍ରଧାନ ଶିକ୍ଷକଙ୍କୁ ସୂଚିତ କରାଯାଇଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସେହିପରି ଆଇନଶୃଙ୍ଖଳା ଦୃଷ୍ଟିରୁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟ ବନ୍ଦ ରହିବ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ୮୨୫ ଜଣଙ୍କୁ ଶୀତ ବସ୍ତ୍ର ପ୍ରଦାନ

କଣିହାଁ,୭।୧(ଡି.ଏନ.ଏ.)

କଣିହାଁ ବ୍ଲକ ମହକୁମାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦୃଷ୍ଟିହୀନ କଲ୍ୟାଣ ସମିତି ତରଫରୁ ରବିବାର ଗାନ୍ଧୀ ସ୍ମୃତୀପୀଠରେ ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର, କଟକ ସମେତ ବିଭିନ୍ନ ଜିଲାର ଦୃଷ୍ଟିହୀନ ଓ ଦିବ୍ୟାଙ୍ଗମାନେ ଯୋଗ ଦେଇଥିଲେ। ସମିତି ସଭାପତି ସୁଧାକର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ତାଳଚେର ଉପଜିଲାପାଳ ପରେଶ କୁମାର ନାୟକ, କଣିହାଁ ବିଡିଓ ରମେଶ କୁମାର ଜେନା, ଏନ୍‌ଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ସୁଦୀପ ନାଗ, ବିଭାଗୀୟ ପଦାଧିକାରୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସମ୍ପାଦକ କାଳନ୍ଦୀ ପ୍ରଧାନ ଅନୁଷ୍ଠାନର ଆୟବ୍ୟୟକୁ ନେଇ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୮୨୫ ଜଣଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ବହୁ ସାମାଜିକ କର୍ମୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

■୩ କଲେଜ ପରିଦର୍ଶନ କଲେ ଢେଙ୍କାନାଳ ଏମ୍‌ପି

# ସମସ୍ୟା ସମ୍ପର୍କରେ ଜଣାଇବାକୁ ପରାମର୍ଶ

ତାଳଚେର,୭।୧(ନି.ପ୍ର.)

ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମଙ୍ଗଳବାର ତାଳଚେର ଅଞ୍ଚଳର ହିଙ୍ଗୁଳା ମହାବିଦ୍ୟାଳୟ, ବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟ ଏବଂ ଥର୍ମାଲର ଗଡତଳ ଆଞ୍ଚଳିକ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ଏମ୍‌ପି ସାହୁ ଉକ୍ତ କଲେଜଗୁଡିକର ଶିକ୍ଷାନୀତି, ଶୈକ୍ଷିକ ବାତାବରଣ, ପାଠପଢ଼ା ଶୈଳୀ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସମ୍ପର୍କରେ ଅଧ୍ୟକ୍ଷ ଓ ଅଧ୍ୟାପିକା ଅଧ୍ୟାପକଙ୍କ ସହିତ ଆଲୋଚନା କରିଥିଲେ। କଲେଜରେ ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନ ଯେପରି ୭୫ ପ୍ରତିଶତ ରହିବ ସେଥିପ୍ରତି ଧ୍ୟାନ ଦେବାକୁ ଏମ୍‌ପି ଅଧ୍ୟାପିକା ଅଧ୍ୟାପକମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ କଲେଜର ଭିତ୍ତିଭୂମି ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ଏମ୍‌ପି କହିବା ସହ ଆବଶ୍ୟକତା ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ବଲଣ୍ଡା କଲେଜର +୨ ଲାଇବ୍ରେରି, ଅଡିଟୋରିୟମ୍ ରୁମ୍, ଛାତ୍ରମାନଙ୍କ କମନ ରୁମ୍ ସହ ଅନ୍ୟାନ୍ୟ ଭିତ୍ତିଭୂମି ଅଭାବ ସମ୍ପର୍କରେ କଲେଜ ପକ୍ଷରୁ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏମ୍‌ପିଙ୍କ ଏହି ପରିଦର୍ଶନ ବେଳେ ହିଙ୍ଗୁଳା ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରତାପ ତ୍ରିପାଠୀ, +୨ ଅଧ୍ୟକ୍ଷ ଦିଲୀପ କୁମାର ସାହୁ ଓ ନୀଳକଣ୍ଠେଶ୍ୱର ଡିଗ୍ରୀ କଲେଜ ଅଧ୍ୟକ୍ଷ ବଳଭଦ୍ର ଜେନା ଏବଂ +୨ କଲେଜ ଅଧ୍ୟକ୍ଷା ବିନୋଦିନୀ ଦାସ, ଗଡତଳ ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଏନ.ସି. ପାଇକରାୟ ପ୍ରମୁଖଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏମ୍‌ପି ସାହୁଙ୍କୁ କଲେଜ ଗୁଡିକ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗଡତଳ କଲେଜରେ ହଷ୍ଟେଲ ପିଲାଙ୍କ ସହ ଏମ୍‌ପି ସାହୁ ମଧ୍ୟାହ୍ନ ଭୋଜନ କରିଥିଲେ।



ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

■ଜିଲା ଭାଜପା କମିଟି ବୈଠକ

# ସିଏଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ

ଅନୁଗୋଳ ଅଫିସ, ୭।୧

■ଘର ଘର ବୁଲିବେ ଦଳୀୟ ନେତା, କର୍ମୀ

■୧୧ରେ ସଚେତନତା ଶୋଭାଯାତ୍ରା

ଅନୁଗୋଳ ଜିଲା ଭାଜପା କମିଟି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଜିଲା କଳା କେନ୍ଦ୍ରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନୂତନ ସଭାପତି ଦୀଲେଶ୍ୱର ପ୍ରଧାନଙ୍କୁ ପୂର୍ବତନ ସଭାପତି ଭାଗୀରଥି ପ୍ରଧାନ ଦାୟିତ୍ୱ ହସ୍ତାନ୍ତର କରିବା ପରେ ନୂତନ ସଭାପତିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଆସନ୍ତା ୧୧ ତାରିଖରେ ଅନୁଗୋଳରେ ଭାଜପା ପକ୍ଷରୁ ଏକ ଶୋଭାଯାତ୍ରା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଘର ଘର ବୁଲି ଭାଜପା ନେତା, କର୍ମୀ ଲୋକଙ୍କୁ ସଚେତନ କରିବେ ବୋଲି ଜିଲା ସଭାପତି ପ୍ରଧାନ ସୂଚନା ଦେଇଥିଲେ। ଏହି ବୈଠକରେ ରାଜ୍ୟ ସିଏଏ ସଂଯୋଜକ ଚନ୍ଦ୍ର ଶେଖର ନନ୍ଦ ଜିଲାର ୩୧ଟି ମଣ୍ଡଳ ସଭାପତିଙ୍କୁ ନାଗରିକ ସଂଶୋଧନ ଆଇନ କ'ଣ ଓ ଲୋକଙ୍କୁ ଏ ନେଇ କିପରି ସଚେତନ କରାଯିବ ତାହା ବୁଝାଇଥିଲେ। ଏହି ବୈଠକରେ ସମ୍ବଲପୁର ଏମ୍‌ପି ନୀତିଶ ଗଙ୍ଗଦେବ, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଶ୍ୱେତବ୍ରତ ସ୍ୱାଇଁ, ଗୋବିନ୍ଦ ନାୟକ, ଅଜିତ ପ୍ରଧାନ, କାଳନ୍ଦୀ ସାମଲ, ଅଶୋକ ମହାନ୍ତି, ପ୍ରକାଶ ମହାରଣା, ଚୌଧୁରୀ ପ୍ରଧାନ, ପ୍ରତିମା ମିଶ୍ର, ସଂଘମିତ୍ରା ପ୍ରଧାନ, ନମିତା ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଭାଜପା ନେତା ଓ ମଣ୍ଡଳ ସଭାପତିମାନେ।

## ସଂକ୍ଷେପରେ

### 'ପରୀକ୍ଷା ପେ ଚର୍ଚ୍ଚା'ରେ ଭାଗନେବେ ସଙ୍ଗୀତା



ଢେଙ୍କାନାଳ ଅଫିସ, ୭।୧-ନୂଆଦିଲ୍ଲୀସ୍ଥିତ ତାଲକୋଟରା ଷ୍ଟାଡିୟମ୍‌ରେ ୨୦ ତାରିଖରେ ହେବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଯୋଗଦେବାକୁ ଚୟନ ହୋଇଛନ୍ତି ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ସୁଶ୍ରୀ ସଙ୍ଗୀତା। ଏଥିରେ ରାଜ୍ୟରୁ ୨୮ ଜଣ ମେଧାବୀ ଛାତ୍ରୀଛାତ୍ର ଯୋଗଦେବେ। ସଙ୍ଗୀତାଙ୍କ ବାପା ପ୍ରଶାନ୍ତ କୁମାର ଜେନା ସ୍ଥାନୀୟ ଏସ୍‌ବିଆଇ ବଜାର ଶାଖାର କର୍ମଚାରୀ। ମା' ତୃପ୍ତିମୟୀ ଜେନା ଗୃହିଣୀ। ସେ ପରିବାର ସହ ଭାଗୀରଥି ସାଗର ଅଞ୍ଚଳରେ ରହୁଛନ୍ତି। 'ପରୀକ୍ଷା ପେ ଚର୍ଚ୍ଚା' ପାଇଁ ଚୟନ ହୋଇଥିବାରୁ ସଙ୍ଗୀତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଡିସେମ୍ବର ୨ରୁ ୨୩ ତାରିଖ ଯାଏ ଭାରତ ସରକାରଙ୍କ ପକ୍ଷରୁ ଅନ୍‌ଲାଇନ୍‌ରେ ପରୀକ୍ଷା ହୋଇଥିଲା। ଏଥିରେ ସଙ୍ଗୀତା କୃତକାର୍ଯ୍ୟ ହୋଇଥିଲେ। ସେ ୧୭ ତାରିଖରେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

### ଶତାୟୁଙ୍କ ପରଲୋକ

ଭୁବନ, ୭।୧(ଡି.ଏନ.ଏ.)-ଭୁବନ ବ୍ଲକ ଅସୁରବନ୍ଧ ଗ୍ରାମର ଗୁରୁବାରୀ ମିଶ୍ର (୧୦୯)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପଡ଼ିଥିଲେ। ଗ୍ରାମ କମିଟି ମୁଖ୍ୟ ଭାବେ ସେ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ପରିଚିତ ଥିଲେ। ଏଥିସହ ପ୍ରଜାମେଳି ଆନ୍ଦୋଳନରେ ସକ୍ରିୟ ଭାବେ ଭାଗନେଇ ଲୋକପ୍ରିୟତା ହାସଲ କରିଥିଲେ। ମରଶରୀର ନଗର ପରିକ୍ରମା କରାଯିବା ପରେ ଶେଷକୃତ୍ୟ କରାଯାଇଥିଲା। ଅନ୍ତିମ ସମୟରେ ଆତ୍ମୀୟସ୍ୱଜନ ଏବଂ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

■ ପଞ୍ଚାୟତ ସମିତିର ୮ମ ବୈଠକ

# କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦାବି

ଛେଣ୍ଡିପଦା,୭।୧(ସ୍ୱ.ପ୍ର.)

ଛେଣ୍ଡିପଦା ପଞ୍ଚାୟତ ସମିତିର ୮ମ ବୈଠକ ମଙ୍ଗଳବାର ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବିଡିଓ ସୁନୀଲ କୁମାର କେରକେଟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଓ ବିଭିନ୍ନ ପଦାଧିକାରୀ ଯୋଗଦେଇ କିପରି ବ୍ଲକର ବିକାଶ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ବିଧାୟକ ବେହେରା ଛେଣ୍ଡିପଦାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜରପଡାରୁ ଛେଣ୍ଡିପଦା ଦେଇ ଦେବଗଡକୁ ନୂତନ ରେଳ ଲାଇନ ସଂଯୋଗ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିବାକୁ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏମ୍‌ପି ଗଙ୍ଗଦେବ ମଧ୍ୟ ଉକ୍ତ ଦାବି କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ ଗତ ଜୁଲାଇ ୭ରେ ଅନୁଷ୍ଠିତ ସପ୍ତମ ସମିତି ବୈଠକର ବିବରଣୀ ପାଠ କରିଥିଲେ। ସେହିପରି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ସରକାରୀ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ସାମାଜିକ ସହାୟତା ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଦିର ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ସୁଷମା ରାଉଳ, ଏମ୍‌ପିଙ୍କ ପ୍ରତିନିଧି ମହନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀଙ୍କ ସମେତ ଛେଣ୍ଡିପଦା ବ୍ଲକର ସମସ୍ତ ନିର୍ବାଚିତ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋରାଣି ସାଙ୍ଗକୁ ନ ଥାଏ ଲୁଣ**
**ମିଛେ ବୋଲୁଥାଏ ତିନି ତିଅଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋ କାନ ମଲ୍ଲୀ କଢ଼ି**
**ତୋ କାନରେ ଥାଉ**
**ଠେଲା ପେଲା କରି ମାରିବା**
**ବରଷ ମୁଣ୍ଡ ପାଉ ।**

ସ୍ୱାମୀର ସ୍ତ୍ରୀ ପ୍ରତି ସ୍ନେହ ଓ ଶ୍ରଦ୍ଧା ଉକ୍ତି। ଘରର ଅଭାବ ଦୂର କରିବା ପାଇଁ ସ୍ତ୍ରୀର କାନ ଫୁଲ ବିକିବାକୁ ଅନିଚ୍ଛା ପ୍ରକାଶ କରୁଥିବା ସ୍ୱାମୀ ସ୍ତ୍ରୀକୁ ବୋଧ ବା ସାନ୍ତ୍ୱନା ଦେବାକୁ ଯାଇ ଯାହିତାହି ଘର ଚଳାଇ ବରଷ ପାଇଗଲେ ସମୟକ୍ରମେ ଅସୁବିଧା ଦୂର ହୋଇଯିବ କହି ସମୟ ଗଡ଼ାଇବାକୁ ପରାମର୍ଶ। ଏପରି ଅବସ୍ଥା ଅଳ୍ପ ବହୁତେ ବହୁ ଅଭାବୀ ପରିବାରରେ ଘଟୁଥିବା ସ୍ଥଳେ କଷ୍ଟରେ ଅର୍ଜିଥିବା ମୂଲ୍ୟବାନ ପଦାର୍ଥ ସହଜରେ ଛାଡ଼ିବାକୁ ଇଚ୍ଛା ନ ହେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ସାଧାରଣତନ୍ତ୍ର ଦିବସ ନିମନ୍ତେ ପ୍ରସ୍ତୁତି

ପବିତ୍ରନଗର,୭।୧(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ଠାରେ ଆଞ୍ଚଳିକସ୍ତରରେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ମଙ୍ଗଳବାର ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପବିତ୍ରନଗର ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଧନେଶ୍ୱର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବନୋଜ କୁମାର ପ୍ରଧାନ, କମିଟି ସମ୍ପାଦକ ହାଇସ୍କୁଲ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା, ଯୁଗ୍ମ ସମ୍ପାଦକ ଅଧ୍ୟାପକ ନାରାୟଣ ରାଉତ, ଅଧ୍ୟାପକ ଶୁଭେନ୍ଦୁ ପ୍ରଶନ୍ନ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, କ୍ରୀଡା ଶିକ୍ଷକ, ବୁଦ୍ଧିଜୀବୀ, କମିଟି ସଦସ୍ୟ ଯୋଗ ଦେଇଥିଲେ। ରବିଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।


ବୈଠକରେ ବିଧାୟକଙ୍କ ସହ କଲେଜ ଅଧ୍ୟକ୍ଷ ଓ ଅନ୍ୟମାନେ।

# ଭାରତୀୟ ମଜଦୁର ସଂଘର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

ଅନୁଗୋଳ ଅଫିସ, ୭।୧

ଭାରତୀୟ ମଜଦୁର ସଂଘ ଅନୁଗୋଳ ଜିଲା ଶାଖା ପକ୍ଷରୁ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା ମଦନମୋହନ ମନ୍ଦିର ଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ ସାର୍ବଜନୀନ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ ଏଥିରେ ନାରାବାଜି କରାଯାଇଥିଲା। ସେହିପରି ଅଙ୍ଗନୱାଡ଼ି କର୍ମଚାରୀଙ୍କ ସର୍ବନିମ୍ନ ମଜୁରି ମାସିକ ୧୮ ହଜାର ଟଙ୍କାକୁ ବୃଦ୍ଧି କରିବା, ଆଶା କର୍ମଚାରୀଙ୍କ ଭତ୍ତା ବୃଦ୍ଧି କରିବା, ସର୍ବନିମ୍ନ ପେନସନ୍ ୫ ହଜାର କରିବା, ସମସ୍ତ ଶ୍ରମିକଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା, ପୁରୁଣା ପେନସନ୍ ସ୍କିମ୍‌କୁ ଲାଗୁ କରିବା, ବେକାରମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଆଦି ନେଇ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ବାଇକ୍ ଶୋଭାଯାତ୍ରାରେ ରାଜ୍ୟ ସାଧାରଣ ସମ୍ପାଦକ ବିନୟ ତ୍ରିପାଠୀ, ରାଜ୍ୟ ସମ୍ପାଦକ ବାଦଲ ମହାରଣା, ଶଶିକାନ୍ତ ନାୟକ, ଅରୂପ ପ୍ରଧାନ, ସଞ୍ଜୟ ମାଝି, ମନୋଜ ଅମାନ୍ତ, ସମର ସାହୁ, ରମାକାନ୍ତ ବାରିକ, କୁସୁମ ଦେହୁରୀ, କନ୍ଦର୍ପ ବେହେରା, ପି.କେ. ଜେନା ପ୍ରମୁଖ ଶ୍ରମିକ ନେତାଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

# ସେମିଫାଇନାଲରେ କଟକ ରାଇଜିଂ ଷ୍ଟୁଡେଣ୍ଟ

ପବିତ୍ରନଗର,୭।୧(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ପବିତ୍ରନଗର କ୍ଲବ ପକ୍ଷରୁ ଚାଲିଥିବା ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ ମ୍ୟାଚରେ କଟକର ରାଇଜିଂ ଷ୍ଟୁଡେଣ୍ଟ ଟିମ୍ ଅନୁଗୋଳର ଏସିସି ଟିମକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ କଟକ ବ୍ୟାଟିଂ କରି ୧୯୨ ରନ କରିଥିଲା। ଜବାବରେ ଅନୁଗୋଳ ୯୮ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଟିମର ଶୁଭମ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜୟକୃଷ୍ଣ ରାଉତ, ହେମେନ୍ଦ୍ର ପ୍ରଧାନ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ରମାକାନ୍ତ ସାହୁ, ସୁବାସ ବେହେରା ଧାରା ବିବରଣୀ ଦେଇଥିଲେ। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଭାଜପା ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲ ଯୋଗ ଦେଇଥିଲେ। ଅଗସ୍ତି ମହାରଣା, ଲିପୁନ ପ୍ରଧାନ, ରାଜେଶ ପ୍ରଧାନ, ମିଥୁନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ କଟକ ରାଇଜିଂ ଷ୍ଟୁଡେଣ୍ଟ ଓ ଭଦ୍ରକ ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ।



ପୁରସ୍କାର ବିତରଣ ସଭାରେ ଅତିଥିମାନେ।

# ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା,୭।୧(ଡି.ଏନ.ଏ.)

ଠାକୁରଗଡ଼ ଥାନା ପୋଢ଼ାପଦର ଗ୍ରାମର ତିଳୋତ୍ତମା ନାୟକଙ୍କୁ ତାଙ୍କ ସ୍ୱାମୀ ଶୁକଦେବ ନାୟକ ଯୌତୁକ, ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଶୁକଦେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଶୁକଦେବ ୮ବର୍ଷ ପୂର୍ବେ ତିଳୋତ୍ତମାଙ୍କୁ ବିବାହ କରିଥିଲେ। ହେଲେ କିଛିଦିନ ହେବ ତିଳୋତ୍ତମାଙ୍କୁ ତାଙ୍କ ଘରୁ ଅଧିକ ଯୌତୁକ ଆଣିବା ପାଇଁ ବାଧ୍ୟ କରିବା ସହ ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ବଇଣ୍ଡା,୭।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ହିମିତିରା ଗ୍ରାମ ଖେଳ ପଡ଼ିଆଠାରେ ମଙ୍ଗଳବାର ହିମିତିରା ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କିଶୋରନଗର ଯୁକ୍ତ ୩ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ପୂର୍ବତନ ଜିଲାପରିଷଦ ସଦସ୍ୟ ତିମିର ନାୟକ, ସମିତିସଭ୍ୟା ତରୁବାଳା ଦେହୁରି, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ସଞ୍ଜୀବ କୁମାର ବେହେରା ଶରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୩ଟି ବିଦ୍ୟାଳୟର ୩୦୦ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ନବୀନ କୁମାର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ସିଂ, ଆଲୋକ ପ୍ରଧାନ, କପିଳ ସାହୁ ପ୍ରମୁଖ ପରିଚାଳନା କରିଥିଲେ। କିଶୋରଚନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।


ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ରାଉରକେଲା ଏକାଦଶ ଫାଇନାଲରେ


ପୂର୍ବତନ ବିଧାୟକଙ୍କ ସହ ଖେଳାଳିମାନେ।

ପାଲଲହଡା,୭।୧(ଡି.ଏନ.ଏ.)

ପାଲଲହଡା ଷ୍ଟାଡିୟମଠାରେ ୟୁଥ୍‌ଫର୍ ପାଲଲହଡା କ୍ଲବ ଅନୁକୂଲ୍ୟରେ ଚାଲିଥିବା ପ୍ରଥମ ଚ୍ୟାଲେଞ୍ଜର୍ସ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପୋଲ-ଏର ପ୍ରଥମ ସେମିଫାଇନାଲ ମ୍ୟାଚରେ ମଙ୍ଗଳବାର ଚରମ୍ପା କ୍ଲବ ଭଦ୍ରକକୁ ହରାଇ ରାଉରକେଲା ଏକାଦଶ ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ପୂର୍ବତନ ବିଧାୟକ ରବିନାରାୟଣ ପାଣି ଯୋଗ ଦେଇଥିଲେ। ପ୍ରଥମେ ଚରମ୍ପା କ୍ଲବ ବ୍ୟାଟିଂ କରି ୧୪୦ ରନ କରିଥିଲା। ଜବାବରେ ରାଉରକେଲା ଏକାଦଶ ୧୪୧ ରନ କରି ବିଜୟୀ ହୋଇଥିଲା। ରାଉରକେଲା ଏକାଦଶର ବିକି ପରିଡା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରମେଶ ଚନ୍ଦ୍ର ପ୍ରଧାନ, ମାଧବ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ବୁଧବାର ରେଡ୍ ଷ୍ଟାର କ୍ଲବ ଭୁବନେଶ୍ୱର ଏବଂ ଏମ୍‌ସିସି ସମ୍ବଲପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। କ୍ଲବ ଅଧ୍ୟକ୍ଷ ଦୁର୍ଜୟ କୁମାର ଗଡନାୟକ, ସଭାପତି ବିଷ୍ଣୁପ୍ରସାଦ ବେହେରା, ସମ୍ପାଦକ ଦିବ୍ୟକିଶୋର ଗଡନାୟକ, ଦିଗାମ୍ବର ଗଡନାୟକ, ଉପସଭାପତି ସନ୍ତୋଷ କୁମାର ପାଣି ପ୍ରମୁଖ ସହଯୋଗ କରିଥିଲେ।

■ ଜିଲାପାଳଙ୍କୁ ଦାବିପତ୍ର ଦେଲେ ଅଞ୍ଚଳବାସୀ

# ଫାଣ୍ଡି ସ୍ଥାପନ, ହାତୀ ଉପଦ୍ରବ ରୋକାଯାଉ

ତାଳଚେର,୭।୧(ନି.ପ୍ର.)

ତାଳଚେର ବ୍ଲକର ସନ୍ଥପଡ଼ା, ଗୁରୁଜାଙ୍ଗୁଲି ଏବଂ ବନ୍ତୋଲ ପଞ୍ଚାୟତର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ସହିତ ବହ୍ଲର ଛକଠାରେ ଏକ ଫାଣ୍ଡି ସ୍ଥାପନ ନିମନ୍ତେ ଅଞ୍ଚଳବାସୀ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଦାବି କରିଛନ୍ତି। ସେହିପରି ପରଜଙ୍ଗ ନିକଟ ଜଙ୍ଗଲରୁ ଚାଲିଆସୁଥିବା ହାତୀ ତାଳଚେର ଅଞ୍ଚଳରେ କ୍ରମାଗତ ଭାବେ କ୍ଷୟକ୍ଷତି ଘଟାଉଥିବାରୁ ତାହା ରୋକିବା, ବୃଦ୍ଧିପାଉଥିବା ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଉଥିଲେ ବି କିଛି ସୁଫଳ ମିଳୁ ନ ଥିବା ଅଞ୍ଚଳବାସୀ ଜିଲାପାଳଙ୍କୁ ଜଣାଇଛନ୍ତି। ତେଣୁ ହାତୀ ଉପଦ୍ରବରୁ ରକ୍ଷା ନିମନ୍ତେ ବ୍ରାହ୍ମଣୀ ନଦୀ କୂଳରେ ସୋଲାର ଫେନସିଂ କରାଯିବା ଏବଂ ଏନ୍‌ଟିପିସି/ଟିଟିପିଏସ୍ ଆଶପଣ୍ଡରୁ ଜଙ୍ଗଲ ସଫା କରିବା, ଜାତୀୟ ରାଜପଥର ତାଳଚେର ବାଇପାସ ଠାରୁ ଚାଇଁପାଳ ପର୍ଯ୍ୟନ୍ତ ଓ ବହ୍ଲର ଛକ ଠାରୁ ବ୍ରାହ୍ମଣୀ ବ୍ରିଜ୍ ପର୍ଯ୍ୟନ୍ତ ମରାମତି, ଧୂଳି ରୋକିବାକୁ ଜଳ ସିଞ୍ଚନ ବ୍ୟବସ୍ଥା କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏଥିସହ ତାଳଚେର-ବଁଅରପାଳ ରାସ୍ତାର ବ୍ୟବସାୟିକ ପେଣ୍ଠସ୍ଥଳୀ ବହ୍ଲର ଛକରେ ଆପରାଧିକ କାର୍ଯ୍ୟ ବଢୁଥିବାରୁ ସେଠାରେ ଫାଣ୍ଡି ସ୍ଥାପନ କରିବାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଗୁରୁଜାଙ୍ଗୁଲି ସରପଞ୍ଚ ସନ୍ତୋଷ କୁମାର ମହାନ୍ତି, ସନ୍ଥପଡ଼ା ସରପଞ୍ଚ ରୀନା ବେହେରା, ବରିଷ୍ଠ ଭାଜପା ନେତା ରୁଦ୍ର ନାରାୟଣ ପାଣି ପ୍ରମୁଖ ଦାବି କରିଛନ୍ତି। ପୂର୍ବତନ ସମିତିସଭ୍ୟ ସହଦେବ ସାହୁଙ୍କ ନେତୃତ୍ୱରେ ସନ୍ଥପଡ଼ା, ଗୁରୁଜାଙ୍ଗୁଲି ଏବଂ ବନ୍ତୋଲ ପଞ୍ଚାୟତ ଅଧିବାସୀ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଅଞ୍ଚଳବାସୀ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ବୁଧବାର, ଜାନୁୟାରୀ ୮ /୨୦୨୦, Dhenkanal, January, Wednesday 8 / 2020

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର



**ପରଜଙ୍ଗ, ୭ା୧(ଡି.ଏନ.ଏ.):** ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଲୋଧଣି ପଞ୍ଚାୟତ ପାଳସାହି ଗ୍ରାମକୁ ସୋମବାର ରାତିରେ ପଶି ଆସିଥିବା ଏକ ଦନ୍ତା ଆତଙ୍କ ସୃଷ୍ଟି କରିଛି। ହାତୀ ଆକ୍ରମଣରେ ଗ୍ରାମର ସୁଦର୍ଶନ ସାମଲ (୭୦) ଗୁରୁତର ହୋଇଛନ୍ତି। ସେ ରାତିରେ ପରିସ୍ରା କରିବାକୁ ବାହାରକୁ ଆସିଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ସୁଦର୍ଶନଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ପରଜଙ୍ଗ ଏବଂ ପରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରୁଛନ୍ତି। ଧାନ କଟା ସରିଥିବାରୁ ହାତୀପଲ ଏବେ ଗାଁ ମୁହାଁ ହେଉଛନ୍ତି। ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଲେ ସହଯୋଗ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ରେଞ୍ଜର ସୁବ୍ରତ ବେହେରା କୁହନ୍ତି, କର୍ମଚାରୀଙ୍କୁ ପଠାଇ ତଦନ୍ତ କରାଯିବ। ଆହତଙ୍କୁ କ୍ଷତିପୂରଣ ଦିଆଯିବା ବ୍ୟବସ୍ଥା କରାଯିବ।

### ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

**ରାସୋଳ, ୭ା୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ରାସୋଳ ଉପଖଣ୍ଡ କାରନ୍ଦା ମୀନକେତନ ହାଇସ୍କୁଲ ପରିସରରେ ୭ମ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନ ଓ ପରିକଳ୍ପନା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ସୁଧୀର କୁମାର ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ଉପଜିଲାପାଳ ଉଦୟନାଥ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ବିଜ୍ଞାନ ସୁପରଭାଇଜର ସୁକାନ୍ତ ସାହୁ, ବିଇଓ ଶାନ୍ତନୁ ମଲ୍ଲିକ, ଅଭିମନ୍ୟୁ ସେଠୀ, ନିତ୍ୟାନନ୍ଦ ବାରିକ, ହୃଷୀକେଶ ବାରିକ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ମୋଟ ୧୩୧ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ପ୍ରଧାନ ଶିକ୍ଷକ ସୁକାନ୍ତ ମାଝି କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ଏଥିରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଜିରାଳ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ବିପିନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

■ମଦ୍ୟପ ସ୍ୱାମୀଙ୍କ ନୃଶଂସକାଣ୍ଡ

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା, ଶାଶୁ ଗୁରୁତର

ପରଜଙ୍ଗ, ୭ା୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ପଙ୍ଗାତୀରା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ମଦ୍ୟପ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଶାଶୁ ଗୁରୁତର ହୋଇଛନ୍ତି। ହତ୍ୟାକାଣ୍ଡ ପଛର କାରଣ ସ୍ୱାମୀଙ୍କ ଅନୈତିକ ସମ୍ପର୍କ ବୋଲି କୁହାଯାଉଛି। ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ନେଇ ମୃତ ମହିଳାଙ୍କ ବାପା କୃଷ୍ଣଚନ୍ଦ୍ର ସାହୁଙ୍କ ଅଭିଯୋଗକ୍ରମେ ନଂ.୨/୨୦ରେ ହତ୍ୟା ମାମଲା ରୁଜୁ ହୋଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପଙ୍ଗାତୀରା ଗ୍ରାମର ଲଳିତ ସାହୁଙ୍କ ସହ ସେହି ଗ୍ରାମର ମିତା ସାହୁ (୨୨)ଙ୍କ ୩ବର୍ଷ ତଳେ ବିବାହ ହୋଇଥିଲା। ହେଲେ ଲଳିତଙ୍କ ଅନ୍ୟ ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାକୁ ନେଇ ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଅଧିକାଂଶ ସମୟ ମିତା ଏବଂ ଲଳିତଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଫଳରେ ମିତା ବାପଘରେ ଆସି ରହୁଥିଲେ। ସୋମବାର ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ଲଳିତ ଶ୍ୱଶୁର ଘରେ ପହଞ୍ଚିଥିଲେ। ଶାଶୁ ଗେଲ ସାହୁ କବାଟ ଖୋଲିବା ବେଳେ ଲଳିତ ଏକ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ମିତା ଶୋଇଥିବା ଘରେ ପଶି ତାଙ୍କୁ ନିର୍ମମ ଭାବେ ହାଣି ପକାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ଗେଲଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।



ହତ୍ୟାକାଣ୍ଡସ୍ଥଳରେ ଜନସାଧାରଣ ରୁଣ୍ଡ ହୋଇଛନ୍ତି।

ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ, ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। କାମାକ୍ଷାନଗର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଭାର ପରଜଙ୍ଗ ଥାନାଅଧିକାରୀ ବିଜୟ କୁମାର ହାଇବ୍ରୁଙ୍କୁ ଦିଆଯାଇଛି। ଏ ନେଇ ଫାଣ୍ଡି ଅଧିକାରୀ ବିନୟ କୁମାର ସାହୁ କୁହନ୍ତି, ଘଟଣା ସମ୍ବେଦନ ଥିବାରୁ ସନ୍ଧ୍ୟାରେ ଏସଡିପିଓ ସୁପ୍ରସନ୍ନ ମଲ୍ଲିକ ତଦନ୍ତ କରିଛନ୍ତି। ସନ୍ଧାନୀ କୁକୁର ଅଭିଯୁକ୍ତଙ୍କ ଘରକୁ ସିଧା ଯାଇ ପହଞ୍ଚିଥିଲା। ଅଭିଯୁକ୍ତ ସ୍ୱାମୀଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି।

■ଓଏଏସ୍ ପରୀକ୍ଷା

# ଶକ୍ତିଶ୍ରୀ ଅନିଲରଞ୍ଜନଙ୍କୁ ୬ ର୍‍ୟାଙ୍କ୍

କାମାକ୍ଷାନଗର, ୭ା୧(ଡି.ଏନ.ଏ.)



ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଝିଲ୍ଲି ଗ୍ରାମର ଶକ୍ତିଶ୍ରୀ ଅନିଲ ରଞ୍ଜନ ସାହୁ ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ୬ ର୍‍ୟାଙ୍କ୍ ପାଇଛନ୍ତି। ସେ ସରାଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରୁ ୨୦୦୯ରେ ଯୁକ୍ତ ୨ରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ରାଉରକେଲା ଏନ୍‌ଆଇଟିରୁ ବି-ଟେକ୍ କମ୍ପ୍ୟୁଟର ସାଇନ୍ସରେ ୨୦୧୪ରେ ସଫଳତାର ସହ କୃତକାର୍ଯ୍ୟ ହୋଇଥିଲେ। ୨୦୧୪ରୁ ସେ ଦିଲ୍ଲୀ ଇଆଇଏଲ୍‌ରେ କାର୍ଯ୍ୟରତ ଅଛନ୍ତି।

ଶକ୍ତିଶ୍ରୀ ଅନିଲ ରଞ୍ଜନଙ୍କ ବାପା ଅନ୍ତର୍ଯ୍ୟାମୀ ଜଣେ ସଫଳ ଚାଷୀ। ମା' ମାମି ସାହୁ ଗୃହିଣୀ। ଅନ୍ତର୍ଯ୍ୟାମୀଙ୍କ ୩ ସନ୍ତାନଙ୍କ ମଧ୍ୟରେ ଶକ୍ତିଶ୍ରୀ ସାନ। ଅନ୍ୟ ୨ଝିଅ ବଡ଼। ଦାଦା ସୁଶାନ୍ତ ସାହୁ ସରପଞ୍ଚ ଥିବାବେଳେ ମଝିଆ ପିଉସୀ ସୁକାନ୍ତି ପ୍ରଧାନ ଜିଲା ପରିଷଦ ସଭ୍ୟା। ପରିବାରର ଅଧିକାଂଶ ସଦସ୍ୟ ସରକାରୀ ଚାକିରିଆ। ପିଲାଟି ଦିନରୁ ପାଠପଢ଼ାର ଝୁଙ୍କ୍ ତାଙ୍କୁ ଏହି ସଫଳତା ଦେଇଛି। ସୋମବାର ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ଗ୍ରାମରେ ଖୁସିର ଲହରି ଖେଳିଯାଇଛି। ତାଙ୍କ ନିକଟକୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

■୩୦୦ ଶ୍ରମିକଙ୍କୁ ବେଆଇନ ଛଟେଇ ଅଭିଯୋଗ

# ଲେବର କଣ୍ଟ୍ରାକ୍ଟରଙ୍କ ବିରୋଧରେ ବିକ୍ଷୋଭ



ବିକ୍ଷୋଭ ଶୋଭାଯାତ୍ରାରେ ଶ୍ରମିକମାନେ।

ଢେଙ୍କାନାଳ ଅଫିସ, ୭ା୧

ଢେଙ୍କାନାଳ ଜିଲା ଟାଟା ଷ୍ଟିଲ ବିଏସ୍‌ଏଲ୍‌ରେ ଲେବର କଣ୍ଟ୍ରାକ୍ଟରଙ୍କ ମନମୁଖି କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିଛି ଟାଟା ବିଏସ୍‌ଏଲ୍ ଇଣ୍ଡଷ୍ଟ୍ରିଜ୍ ଶ୍ରମିକ ୟୁନିୟନ। ଏହାର ପ୍ରତିବାଦରେ ମଙ୍ଗଳବାର ମଧ୍ୟାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରମିକମାନେ ଶୋଭାଯାତ୍ରାରେ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ସଂଘ କାର୍ଯ୍ୟାଳୟରୁ ବାହାରି ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ।

ଅଭିଯୋଗ ଅନୁଯାୟୀ, ଟାଟା ଷ୍ଟିଲ ବିଏସ୍‌ଏଲ୍‌ରେ କାର୍ଯ୍ୟରତ ଠିକାଦାର ସଂସ୍ଥା ବର୍ଷା ଇଣ୍ଟରପ୍ରାଇଜର୍ସ ବିନା ନୋଟିସରେ ଗତ ବର୍ଷ ଜୁଲାଇରେ ୩୦୦ ଶ୍ରମିକଙ୍କୁ ଛଟେଇ କରିଛି। ଆଇନ ଅନୁଯାୟୀ ରିଟ୍ରେଞ୍ଚମେଣ୍ଟ କ୍ଷତିପୂରଣ ଦେବାକୁ ସେମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆଗଲାନାହିଁ। ଏ ନେଇ ଶ୍ରମିକମାନେ ସେମାନଙ୍କ ଉପଦେଷ୍ଟା ଇଂ. ଦେବାଶିଷ ହୋତାଙ୍କ ସହ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ୬୩ ଲକ୍ଷ ୬୨ ହଜାର ୭୫୦ ଟଙ୍କାର କ୍ଷତିପୂରଣ ଦାବି କରିଥିଲେ। ହେଲେ ଜିଲା ଶ୍ରମ ଅଧିକାରୀ ମାମଲାକୁ ବନ୍ଦ କରି ଭୁବନେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଟ୍ରିବ୍ୟୁନାଲକୁ ପଠାଇଦେବାକୁ କହିଥିଲେ। ଜିଲା ଶ୍ରମ କାର୍ଯ୍ୟାଳୟରୁ ନିରାଶ ହେବା ପରେ ଶ୍ରମିକମାନେ ମଙ୍ଗଳବାର ବିକ୍ଷୋଭ କରି ହକ୍‌ଦାବି କରିଛନ୍ତି। ଲେବର କଣ୍ଟ୍ରାକ୍ଟର, ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଛଟେଇ ଶ୍ରମିକଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ସେମାନେ ଲିଖିତ ଭାବେ ଦାବି କରିଛନ୍ତି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଧାରଣାସ୍ଥଳକୁ ଆସି ଶ୍ରମିକଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

■ମହୁଲପୁଞ୍ଜିରେ ରାଜ୍ୟର ପ୍ରଥମ ଭୂତଳ ଜଳସଂରକ୍ଷଣ ପ୍ରକଳ୍ପ

# ଭୂତଳକୁ ଯିବ ସଂରକ୍ଷିତ ବର୍ଷାଜଳ

ଭାପୁର, ୭ା୧(ଡି.ଏନ୍.ଏ.)




ଢେଙ୍କାନାଳ ସଦର ବ୍ଲକ ଭାପୁର ପଞ୍ଚାୟତ ଅଧୀନ ମହୁଲପୁଞ୍ଜି ଗ୍ରାମରେ ଭୂତଳ ଜଳ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ମାଣ କରାଯାଇଥିବା ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପକୁ ମଙ୍ଗଳବାର ବିଭାଗୀୟ ଅଧିକାରୀମାନେ ପରିଦର୍ଶନ କରିଛନ୍ତି। ଏହା ରାଜ୍ୟର ପ୍ରଥମ ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ବୋଲି କହିଛନ୍ତି କଟକ ଡିଭିଜନର ସହନିର୍ଦ୍ଦେଶକ ନାରାୟଣ ତ୍ରିପାଠୀ।

ଏହି ପ୍ରକଳ୍ପ ଦ୍ୱାରା ପୋଖରୀ, ନଦୀ ପାର୍ଶ୍ୱରେ ପ୍ରବାହିତ ବର୍ଷା ଜଳକୁ ସଂରକ୍ଷଣ କରାଯାଇପାରିବ। ଏହି ପାଣିକୁ ଫିଲ୍ଟର କରାଯାଇ ଭୂତଳ ଜଳସ୍ତର ସହ ସଂଯୋଗ କରାଯିବ। ମହୁଲପୁଞ୍ଜିରେ ଏପରି ଦୁଇଟି ପ୍ରକଳ୍ପ ନିର୍ମାଣ କରାଯାଇଛି। ଏଥିରେ ସାଢ଼େ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏହାଦ୍ୱାରା ଅତି ସହଜରେ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସହନିର୍ଦ୍ଦେଶକ ତ୍ରିପାଠୀ ସୂଚନା ଦେଇଛନ୍ତି। ପ୍ରକଳ୍ପ ପରିଦର୍ଶନ ସମୟରେ ନିର୍ଦ୍ଦେଶକ ପ୍ରଭାସ ଚନ୍ଦ୍ର ପଟ୍ଟନାୟକ, ଯଶୋବନ୍ତ ଶତପଥୀ, ଭୂତତ୍ତ୍ୱବିତ୍ ଦୋଳମଣି ସାହୁ, ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ଖର୍ଚ୍ଚ ହୋଇଛି ୩.୫୦ ଲକ୍ଷ ଟଙ୍କା

■ପରିଦର୍ଶନ କଲେ ବିଭାଗୀୟ ଅଧିକାରୀ

# ଟାଙ୍ଗୀକୁ ହରାଇ କାମାକ୍ଷାନଗର ସେମିରେ

ଭୁବନ, ୭ା୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବାଟତାରିଣୀ ଖେଳପଡ଼ିଆରେ ଚାଲିଥିବା ୭ମ ବାର୍ଷିକ ବୁଦ୍ଧେଶ୍ୱର କ୍ରିକେଟ କପ୍‌ର ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଟାଙ୍ଗୀକୁ ହରାଇ କାମାକ୍ଷାନଗର ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିଣି ଟାଙ୍ଗୀ ୧୮.୩ ଓଭରରେ ୧୩୦ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୌମ୍ୟରଞ୍ଜନ ଦାସ ସର୍ବାଧିକ ୩୪ ରନ କରିଥିଲେ। ଜବାବରେ କାମାକ୍ଷାନଗର ୧୯.୪ ଓଭର ବ୍ୟାଟିଂ କରି ୮ ଉଇକେଟ ବିନିମୟରେ ୧୩୨ ରନ ସଂଗ୍ରହ କରି ବିଜୟୀ ହୋଇଛି। ମୂଲ୍ୟବାନ ୪୩ ରନ୍ କରିବା ସହ ୨ ଉଇକେଟ ନେଇଥିବା ବିଜୟୀ ଦଳର ଲକି ଦାସ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ଜିତେନ୍ଦ୍ର ସାହୁ, ଧୀରେନ୍ଦ୍ର ପୃଷ୍ଟି ମ୍ୟାଚ୍ ପରିଚାଳନା କରିଥିବାବେଳେ ସର୍ବେଶ୍ୱର ସାହୁ ଧାରା ବିବରଣୀ ଦେଇଥିଲେ।

ଭୁବନ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବୁଧବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଭୁବନ ଏବଂ ଭଦ୍ରକ ମଧ୍ୟରେ ଖେଳାଯିବ।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ